**ସଂକ୍ଷେପରେ**

## ଗୃହଗଣନା ତାଲିମ ଶିବିର

ତିହିଡ଼ି,୨୪।୩(ସଞ୍ଜିତ ବଳ)

ତିହିଡ଼ିସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲରେ ମଙ୍ଗଳବାରଠାରୁ ଗୃହ ଗଣନା ତାଲିମ ଶିବିର ଆରମ୍ଭ ହୋଇଛି। ଏହି ଶିବିର ୩ଦିନ ଧରି ଅନୁଷ୍ଠିତ ହେବ। ଏହି ଶିବିର ସହ ଆସନ୍ତା ୨୮ରୁ ୩୦ ତାରିଖ ଏବଂ ଏପ୍ରିଲ ୨ରୁ ୪ ପର୍ଯ୍ୟନ୍ତ ମୋଟ ୩ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯିବ। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅତିରିକ୍ତ ତହସିଲଦାର ସତୀଶ କୁମାର ସାହୁ ଯୋଗ ଦେଇଥିଲେ। ତାଲିମଦାତା ଭାବେ ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ସିଆର୍‌ସିସି ପ୍ରଭାସ ଚନ୍ଦ୍ର ପଣ୍ଡା, କେଶବ ଚନ୍ଦ୍ର ସାହୁ, ମୁରଲୀ ମୋହନ ମଲ୍ଲିକ ଓ ଚନ୍ଦନ ପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ମୋଟ ୧୭୮ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଛନ୍ତି। ଚନ୍ଦନ କୁମାର ମହାନ୍ତି, ଆକ୍ରମ ଅଲ୍ଲୀ ଖାଁ, ଅମ୍ରିତ କୁମାର ପାଢ଼ୀ, ଯମୁନା ମୁର୍ମୁ, ମାନସ ସାହୁ, ମୋହନ ହେମ୍ବ୍ରମ, ଦେବସ୍ମିତା ଦାସ ପ୍ରମୁଖ ତହସିଲ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଛନ୍ତି।

## ଐତିହାସିକ ବାଦୀପାଲା ଆରମ୍ଭ

ଧାମନଗର,୨୪।୩
(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଭଗବାନପୁର ଗ୍ରାମସ୍ଥିତ ମା’ ବୁଢ଼ୀ ଜାଗୁଲାଇ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୩୫ବର୍ଷରୁ ଊର୍ଦ୍ଧ୍ୱ ହେବ ପୀଠରେ ଐତିହାସିକ ବାଦୀପାଲା ଅନୁଷ୍ଠିତ ହୋଇଆସୁଛି। ମଙ୍ଗଳବାର ମା’ ବୁଢ଼ୀ ଜାଗୁଲାଇଙ୍କ ରୀତିନୀତି ଅନୁସାରେ ପୂଜାପାଠ ଓ ଚଣ୍ଡୀପାଠ ପରେ ସନ୍ଧ୍ୟାରେ ବାଦୀପାଲା ଅନୁଷ୍ଠିତ ହୋଇଛି। ୪ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲାର ଗାୟକ ରତ୍ନାକର, ବାଣୀକଣ୍ଠ ବନମାଳୀ ପତି ଏବଂ ଗାୟକ ବାଗ୍ମୀ ନାରାୟଣ ମହାରଣାଙ୍କ ଦ୍ୱାରା ପାଲା ପରିବେଷଣ ହେଉଛି। ବ୍ରାହ୍ମଣ କୁନା ମିଶ୍ର, ବସନ୍ତ ମିଶ୍ର ଓ ଚକ୍ରଧର ପଣ୍ଡା ପୀଠରେ ପୂଜା କରିଥିବା ବେଳେ କର୍ତ୍ତା ଭାବେ କାର୍ତ୍ତିକ ପ୍ରଧାନ ଥିଲେ। ପରିଷଦର କର୍ମକର୍ତ୍ତା ସୋମନାଥ ଶଙ୍ଖୁଆ, ବାବାଜୀ ଚରଣ ସେଠୀ, ଶମ୍ଭୁନାଥ ସାହୁ, ଅର୍ଜ୍ଜୁନ ଚରଣ ରାଉତ, ପିଙ୍କି ରାଉତ, ଶୋଭାରାଣୀ ରାଉତ, ପଦ୍ମନାଭ ଶଙ୍ଖୁଆ, ଗଣେଶ ପ୍ରସାଦ ସାହୁ, ରୌମ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

ଯାତ୍ରୀଙ୍କଠାରୁ ୨ ଗୁଣ ଭଡ଼ା ନିଆଯିବା ପ୍ରସଙ୍ଗ

# ୩୧ରେ ବସ୍‌ରୋକୋ

### ଚେତାବନୀ ଦେଲା ବ୍ଲକ୍ ଜନସାଧାରଣ ମଞ୍ଚ

ତିହିଡ଼ି,୨୪।୩(ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଚଳାଚଳ କରୁଥିବା ବସ୍‌ରେ ଯାତ୍ରୀଙ୍କଠାରୁ ଧାର୍ଯ୍ୟ ଭଡ଼ାରୁ ୨ଗୁଣ ଅଧିକ ନିଆଯାଉଛି। ଏହି ପ୍ରସଙ୍ଗରେ ବସ୍ ସିଣ୍ଡିକେଟ ସହ ଆଲୋଚନା ପରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ନ ହେବାରୁ ତିହିଡ଼ି ବ୍ଲକ୍ ଜନସାଧାରଣ ମଞ୍ଚ ପକ୍ଷରୁ ଆସନ୍ତା ୩୧ ତାରିଖରେ ତିହିଡ଼ିରେ ବସ୍‌ରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ପ୍ରକାଶ ଯେ, ବିଭିନ୍ନ ସମୟରେ ସ୍ଥାନୀୟ ଅଧିବାସୀ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଏନେଇ ଅଭିଯୋଗ କରିବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ପରେ ସିପିଏମ୍ ତିହିଡ଼ି ଆଞ୍ଚଳିକ କମିଟି ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇ ଗତବର୍ଷ ନଭେମ୍ବର ୨୪ରେ ତିହିଡ଼ିରେ ବସ୍‌ରୋକୋ କରାଯିବାକୁ ସ୍ଥିର କରିଥିଲା। ଦଳ ପକ୍ଷରୁ ଏ ସମ୍ପର୍କରେ ଜିଲାପାଳ, ଏସ୍‌ପି, ଜିଲା ପରିବହନ ଅଧିକାରୀ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ଆନ୍ଦୋଳନ ପୂର୍ବଦିନ ତିହିଡ଼ି ଥାନା ପରିସରରେ ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ଉପସ୍ଥିତିରେ ବସ୍ ସିଣ୍ଡିକେଟର ସଭାପତି ଶ୍ରୀନିବାସ ପତି, ଯୁଗ୍ମ ସମ୍ପାଦକ ନିଶିକାନ୍ତ ପଣ୍ଡା, ସଭ୍ୟ ଇମତିଆଜ ଅଲ୍ଲୀ ଖାଁ, ସିପିଏମ୍ ନେତା ପ୍ରଫୁଲ୍ଲ ପାଢ଼ୀ, ବିଷ୍ଣୁ ଦାଶ, ସତ୍ୟବ୍ରତ କୁଣ୍ଡ, ନିର୍ମଳ ଦଳାଇ, ରାଜକିଶୋର ଲେଙ୍କାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବସ୍‌ରେ ରେଟ୍‌ଚାର୍ଟ ଲଗାଯିବା ସହ ଯାତ୍ରୀଙ୍କଠାରୁ ଧାର୍ଯ୍ୟ ଭଡ଼ା ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ଏହା ଫଳପ୍ରଦ ନ ହେବାରୁ ପ୍ରତିବାଦରେ ବ୍ଲକ ଜନସାଧାରଣ ମଞ୍ଚ ପକ୍ଷରୁ ବସ୍‌ରୋକୋ କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଏ ସମ୍ପର୍କରେ ସୋମବାର ଜିଲାପାଳଙ୍କୁ ଅବଗତ କରାଯାଇଛି। ମଞ୍ଚ ପକ୍ଷରୁ ଦର୍ଶାଯାଇଛି ଯେ, ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଚଳାଚଳ କରୁଥିବା ବସ୍‌ଗୁଡ଼ିକରେ ଯାତ୍ରୀମାନଙ୍କଠାରୁ ୨ଗୁଣ ଭଡ଼ା ନିଆଯାଉଛି। ବସ୍‌ରେ ରେଟ୍‌ଚାର୍ଟ ଲଗାଯାଇ ନ ଥିବାବେଳେ ସାଧାରଣ ବସ୍‌ରେ ଡିଲକ୍ସ ଭଡ଼ା ନିଆଯାଉଛି। ଏକ୍ସପ୍ରେସ ଭଡ଼ା ୧ କି.ମି. ପ୍ରତି ୯୨ ପଇସା, ଡିଲକ୍ସ ଭଡ଼ା ୧ଟଙ୍କା ୫୫ପଇସା, ସୁପର ପ୍ରିମିୟମ୍ ବସ୍ ୨ଟଙ୍କା ୪୧ପଇସା ଏବଂ ସାଧାରଣ ବସ୍ ୮୮ପଇସା ଭଡ଼ା ସରକାରୀ ଭାବେ ଲାଗୁ ହୋଇଛି। ତିହିଡ଼ିରୁ ଭଦ୍ରକ ବାଇପାସ୍ ୧୮କି.ମି. ହୋଇଥିବା ବେଳେ ସାଧାରଣ ବସ୍ ଭଡ଼ା ୧୫.୮୪ଟଙ୍କା ପରିବର୍ତ୍ତେ ୩୦ଟଙ୍କା ଏବଂ ଚାନ୍ଦବାଲିରୁ ଭଦ୍ରକ ୬୦ରୁ ୭୦ଟଙ୍କା ନିଆଯାଇ ଯାତ୍ରୀଙ୍କୁ ଶୋଷଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ୭ ଦଫା ଦାବି ନେଇ ସିପିଏମ୍ ନେତାଙ୍କ ସମେତ ସୁଧାଂଶୁ ଶେଖର ମାହୁନ୍ତ, ଶ୍ରୀଧର ଜେନା, ପୁରସ୍ତମ ମଲିକ, କୃଷ୍ଣଚନ୍ଦ୍ର ମଲିକ, ମନମୋହନ କୁଣ୍ଡ, ସୁବାସ ଦାସ, ବାବୁରାମ ମଲିକ ପ୍ରମୁଖ ବସ୍‌ରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ‘ମହୋତ୍ସବ ଶାନ୍ତି, ସନ୍ତୋଷର ମାଧ୍ୟମ’



ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୫ମ ସାନ୍ଧ୍ୟ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ନୃତ୍ୟଶିଳ୍ପୀମାନେ।

ଆଗରପଡ଼ା,୨୪।୩(ସୁଶାନ୍ତ ଦାସ)

ମହୋତ୍ସବ ଶାନ୍ତି ଓ ସନ୍ତୋଷର ମାଧ୍ୟମ ହୋଇଥାଏ ବୋଲି ଆଗରପଡ଼ା ହେମପଦ୍ମା ଗାଲାକ୍ସିଠାରେ ଚାଲିଥିବା ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ସୋମବାର ୫ମ ସନ୍ଧ୍ୟାରେ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମତବ୍ୟକ୍ତ କରିଛନ୍ତି। ମହୋତ୍ସବ କମିଟି ସଭାପତି ଆଇନଜୀବୀ ମନୋଜ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ସାହିତ୍ୟିକ ଜଗନ୍ନାଥ ପାତ୍ର ଯୋଗଦେଇ ମହୋତ୍ସବ ନବ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାର ନିଆରା ପ୍ରୟାସ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ୍, ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ସଭାପତି କୈଳାସ ଚନ୍ଦ୍ର ଧଳ, ଉପଦେଷ୍ଟା ଗୋଲକ ପୃଷ୍ଟି, ସୁବୋଧ କୁମାର ସାହୁ, ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। କମିଟି ସମ୍ପାଦକ ହେମନ୍ତ କୁମାର ସିଂହ ସ୍ୱାଗତ ଭାଷଣ ପ୍ରଦାନ ଓ ସହସମ୍ପାଦକ ଗଦାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମାମୁନି ସିଂହ, ନୀହାର ରଞ୍ଜନ ସାହୁ, ଚିତ୍ତରଞ୍ଜନ ଦାସ, ଦୀପକ ପୁରୀ, ନମିତା ବେହେରା, ପ୍ରତିମା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜନଗଣନା ପାଇଁ ପ୍ରଶିକ୍ଷଣ


ହାରାମଣି ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଶିବିରରେ ସୁପରଭାଇଜର ଓ ଗଣକମାନଙ୍କୁ ତାଲିମ ଦିଆଯାଉଛି।

ଭଣ୍ଡାରିପୋଖରୀ,୨୪।୩(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକରେ ଆସନ୍ତା ଏପ୍ରିଲ ୧ରୁ ହେବାକୁ ଥିବା ଜନଗଣନାର ପ୍ରଥମ ପର୍ଯ୍ୟାୟ ପାଇଁ ନିୟୋଜିତ ସୁପରଭାଇଜର ଓ ଗଣକ(ଏନୁମରେଟର)ମାନଙ୍କୁ ମଙ୍ଗଳବାର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ହାରାମଣି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରଶିକ୍ଷଣ ଶିବିରକୁ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ ଉଦ୍‌ଘାଟନ କରି ଠିକ୍ ତଥା ନିର୍ଭୁଲ ଜନଗଣନା କରି ରାଷ୍ଟ୍ରୀୟ କର୍ତ୍ତବ୍ୟ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ତହସିଲଦାର ରୋଜାଲିନ ବେହେରା ଓ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ ଯୋଗଦେଇ ପ୍ରଶିକ୍ଷଣ ପରିଚାଳନା କରିଥିଲେ। ଶିବିରରେ ମାଷ୍ଟର ପ୍ରଶିକ୍ଷକ ଭାବେ ଭାରପ୍ରାପ୍ତ ଅଧ୍ୟକ୍ଷ ଅଜୟ କୁମାର ନନ୍ଦ, ପ୍ରମୋଦ କୁମାର ମଲ୍ଲିକ, ଶିକ୍ଷା ସଂଯୋଜକ ପ୍ରକାଶ ଦାସ ଓ ସସ୍ମିତ ମିଶ୍ର ପ୍ରଶିକ୍ଷଣ ଦେଇଥିଲେ। ଜନଗଣନା ଦୃଷ୍ଟିରୁ ପରିବାର ସଂଜ୍ଞା, କୋଠାଘର, ହତା, ପରିବାର, ସାଧାରଣ ପରିବାର, ଆନୁଷ୍ଠାନିକ ପରିବାର, ବାସଗୃହହୀନ ପରିବାର, ଗୃହ ତାଲିକା ପ୍ରସ୍ତୁତି, ମ୍ୟାପିଂ ଆଦି ବିଷୟରେ ତାଲିମ ଦିଆଯାଇଛି। ମଙ୍ଗଳବାର ୨ଟି ପାଳିରେ ୧୨ ସୁପରଭାଇଜର ଓ ୪୭ ଗଣକଙ୍କୁ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବୁଧବାର ଓ ଗୁରୁବାର ଦ୍ୱିତୀୟ, ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଦିଆଯିବ। ଜନଗଣନା ନିମନ୍ତେ ଏହି ବ୍ଲକରେ ୪୭ଜଣ ସୁପରଭାଇଜର ଓ ୨୭୬ ଗଣକଙ୍କୁ ନିୟୋଜିତ କରାଯାଇଛି। ଏପ୍ରିଲ ୧ରୁ ଗଣକମାନଙ୍କ ନିମନ୍ତେ ଗୃହ ତାଲିକା ପ୍ରସ୍ତୁତ କରାଯିବ ଓ ୧୫ ତାରିଖଠାରୁ ଘରକୁ ଘର ଯାଇ ୩୪ଟି ପ୍ରଶ୍ନ ସମ୍ବଳିତ ତଥ୍ୟ ଲୋଡ଼ାଯାଇ ଜନଗଣନା କାର୍ଯ୍ୟ କରାଯିବ।

## ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ

ଚାନ୍ଦବାଲି,୨୪।୩(ରତିକାନ୍ତ ବାରିକ)

ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ମହାରାଜଙ୍କ ତତ୍ତ୍ୱାବଧାନରେ ଗୋପାଳପୁର ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ତପନ ସାହୁ, ଗୋପାଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମୋନାଲିସା ମହାପାତ୍ର ଓ ସହକାରୀ ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ପୃଷ୍ଟି ମିଳିତ ଭାବେ ଘର ଘର ବୁଲି ଓଡ଼ିଶା ସରକାରଙ୍କ ପ୍ରଦତ୍ତ ନିମନ୍ତ୍ରଣ ପତ୍ର ବଣ୍ଟନ କରିଛନ୍ତି। ଆସନ୍ତା ଶିକ୍ଷାବର୍ଷ ପାଇଁ ଯେଉଁ କୁନି କୁନି ପିଲାମାନେ ନୂତନ ଭାବେ ଶିଶୁବାଟିକାରେ ନାମ ଲେଖାଇବେ, ସେହି ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକର୍ଷିତ କରିବା ଓ ଆନନ୍ଦମୟ ଶିକ୍ଷଣ ପରିବେଶ ଯୋଗାଇଦେବା ସହ ସେମାନଙ୍କ ଅଭିଭାବକଙ୍କୁ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା ଯେଉଁ ପିଲାମାନେ ୫ବର୍ଷ ବୟସରୁ ଊର୍ଦ୍ଧ୍ୱ ସେମାନେ ଶିଶୁବାଟିକାରେ ନାମ ଲେଖାଇବେ ଏବଂ ଯେଉଁମାନେ ୬ ବର୍ଷରୁ ଊର୍ଦ୍ଧ୍ୱ ସେମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବେ। ଆସନ୍ତା ଏପ୍ରିଲ ୨ରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ହେବ ବୋଲି ବ୍ଲକ ଶିକ୍ଷାଧିକାରୀ ମହାରାଜ ଜଣାଇଛନ୍ତି।

## ଭାଜପାର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ପ୍ରଶିକ୍ଷକମାନେ।

ଧୁଷୁରୀ,୨୪।୩(ଦୀପ୍ତି ରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତସ୍ଥିତ ହୋଟେଲ ରୟାଲ ପ୍ୟାଲେସରେ ଭାଜପାର ବାବା ଆଖଣ୍ଡଳମଣି ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଅଧୀନ ସୁନ୍ଦରପୁର, ଓଳଗ, ଆରଡ଼ି, ନାନ୍ଦପୁର, ଭୂଇଁବୃତ୍ତି, ମାଧପୁର, ଘଟପୁର, ଖେରଙ୍ଗ ଆଦି ପଞ୍ଚାୟତର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଆୟୋଜିତ ଏହି ଶିବିରରେ ମଣ୍ଡଳ ସଭାପତି ସନ୍ଦୀପ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ଜିଲା ଉପସଭାପତି ଅମୂଲ୍ୟ ନାୟକ, ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ଉପସଭାପତି କିଶୋର ନାୟକ, ଚାନ୍ଦବାଲି ନିର୍ବାଚନମଣ୍ଡଳୀ ପ୍ରଭାରୀ ଅଜୟ ନାୟକ ଓ ଜିଲା ପ୍ରବକ୍ତା ପ୍ରଭାକର ସାମଲ ପ୍ରଶିକ୍ଷକ ଭାବେ ଯୋଗଦେଇ ଦଳର ସାଙ୍ଗଠନିକ ଅଭିବୃଦ୍ଧି ପାଇଁ ବୁଥ୍‌କୁ ମଜଭୁତ କରିବା ନେଇ ପ୍ରଶିକ୍ଷଣ ଦେଇଥିଲେ। ଭାଜପା ମଣ୍ଡଳ ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ, ମଣ୍ଡଳ ଅଧୀନ ୮ ପଞ୍ଚାୟତର ସମସ୍ତ ଶକ୍ତି ପ୍ରମୁଖ, ବୁଥ୍ ସଭାପତି, ବୁଥ୍ ଲେଭଲ ଏଜେଣ୍ଟ ପ୍ରଶିକ୍ଷାର୍ଥୀ ଭାବେ ଅଂଶଗ୍ରହଣ କରିଥିଲେ। ମଣ୍ଡଳ ପ୍ରଭାରୀ ମାଳତୀଲତା ସାହୁ ଥିଲେ। ବୁଧବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଶିବିର ଚାଲୁ ରହିବ ବୋଲି ମଣ୍ଡଳ ସଭାପତି ନାୟକ ସୂଚନା ଦେଇଥିଲେ।

## ସାମାଜିକ କର୍ମୀଙ୍କ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିସଭା



ସାମାଜିକ କର୍ମୀ ସ୍ୱର୍ଗତ ନିତ୍ୟାନନ୍ଦ ବେହେରାଙ୍କ ସ୍ମୃତିସଭାରେ ଉପସ୍ଥିତ ଅତିଥି।

ଧାମନଗର,୨୪।୩(ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ସନ୍ତୋଷପୁର(ରାମେଶ୍ୱରପୁର) ଗ୍ରାମର ସାମାଜିକ କର୍ମୀ ସ୍ୱର୍ଗତ ନିତ୍ୟାନନ୍ଦ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିସଭା ସୋମବାର ରାମେଶ୍ୱରପୁରସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାୟତ୍ରୀ ପରିବାରର ଭଦ୍ରକ ଜିଲା ପରିବ୍ରାଜକ ସୁଶାନ୍ତ କୁମାର ପଣ୍ଡା ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସଭାରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭୀମସେନ ହୋ, ସତ୍ୟସୁନ୍ଦର ପରିଡ଼ା, ଶିକ୍ଷକ ସଂଘର ରାଜ୍ୟ ମହାସଚିବ ଚାରୁଲତା ମହାପାତ୍ର, ଭଦ୍ରକ ଜିଲା ଶିକ୍ଷକ ସଂଘର ସମ୍ପାଦକ ସମୀର କୁମାର ଯେନା, ସଂଯୋଜକ ଚିତ୍ରଭାନୁ ଦାଶ, ବ୍ଲକ ଶିକ୍ଷକ ସଂଘ ସଭାପତି ରୂପକ କୁମାର ମିଶ୍ର, ସୁରେନ୍ଦ୍ର କୁମାର ସେଠୀ, ପ୍ରଦୀପ କୁମାର ଦାଶ, ସିଆର୍‌ସିସି ବ୍ରହ୍ମାନନ୍ଦ ଯେନା, ମାନସ ରାଉତ, ଜଗବନ୍ଧୁ ନାୟକ, ଶିକ୍ଷକ ନେତା ଗୌରାଙ୍ଗ ବାରିକ, ପଣ୍ଡିତ ଦଇତାରୀ ମହାପାତ୍ର, ଖବରଦାତା ନରେନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକଙ୍କ ସମେତ ବହୁ ବ୍ୟକ୍ତି ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କୃଷ୍ଣଚନ୍ଦ୍ର ନାୟକ ସଭା ସଞ୍ଚାଳନ କରିଥିବା ବେଳେ ପୂର୍ବତନ ପ୍ରଧାନଶିକ୍ଷକ ବିଶ୍ୱନାଥ ବେହେରା ସଂଯୋଜନା କରିଥିଲେ। ଶିକ୍ଷକ ପ୍ରଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ସ୍ୱର୍ଗତ ବେହେରାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ।

# ୬୯ ବର୍ଷରେ ମଧୁ ଗଣେଶ ପୂଜା

ଧୁଷୁରୀ,୨୪।୩(ଦୀପ୍ତିରଞ୍ଜନ ନାୟକ)


ମଣ୍ଡପରେ ପୂଜା ପାଉଛନ୍ତି ମଧୁ ଗଣେଶ।

ଚାନ୍ଦବାଲି ବ୍ଲକ ଅଧୀନ ନାନ୍ଦପୁର ପଞ୍ଚାୟତର ଭୂଇଁପୁରରେ ରବିବାରଠାରୁ ମଧୁ ଗଣେଶ ପୂଜା ଆରମ୍ଭ ହୋଇଛି। ଚଳିତବର୍ଷ ଏହି ପୂଜା ୬୯ ବର୍ଷରେ ପଦାର୍ପଣ କରିଛି। ୭ଦିନ ଧରି ଏହି ପୂଜା ଚାଲିବ ଓ ଶନିବାର ପ୍ରଭୁଙ୍କୁ ବିସର୍ଜନ କରାଯାଇ ସାଳନ୍ଦୀ ନଦୀରେ ବିଦାୟ ଦିଆଯିବ। ପ୍ରତିଦିନ ମଧ୍ୟାହ୍ନ ଓ ରାତ୍ରରେ ଏଠାରେ ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଆୟୋଜିତ ଯଜ୍ଞରେ ପ୍ରତିଦିନ ପ୍ରାୟ ୫ ଲିଟର ଘିଅ ଆହୁତି ଦିଆଯାଉଛି। ପ୍ରଥମ ୩ ଦିନ ରାତିରେ ଅପେରା ପ୍ରଦର୍ଶିତ ହୋଇଛି। ୪ର୍ଥ ଓ ୫ମ ସନ୍ଧ୍ୟାରେ ସୁନାମଧନ୍ୟ କଳାକାରମାନଙ୍କୁ ନେଇ ଭଜନ ପରିବେଷଣ କରାଯିବ। ୬ଷ୍ଠ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଓ ଶେଷ ସନ୍ଧ୍ୟାରେ ପ୍ରଭୁଙ୍କୁ ବିଦାୟ ଦିଆଯିବ।

ସ୍ଥାନୀୟ ଅଞ୍ଚଳର ଭୂଇଁପୁର, କୋଇଲଖା, ପାଲଟପୁର ଓ ଶୀତଳପୁର ଗ୍ରାମର ଗ୍ରାମବାସୀଙ୍କ ସହଯୋଗରେ ୧୯୫୭ରେ ମଧୁ ଗଣେଶଙ୍କ ପୂଜା ଆରମ୍ଭ ହୋଇଥିଲା। ଅଞ୍ଚଳରେ ଧର୍ମୀୟ ବିଶ୍ୱାସ ଜାଗ୍ରତ ଓ ଅଞ୍ଚଳର ମହିଳାମାନଙ୍କ ମନୋରଞ୍ଜନ ପାଇଁ ଅପେରା ଦେଖାଇବାର ସୁଯୋଗ ସୃଷ୍ଟି କରିବାକୁ ନେଇ ଏହି ପୂଜା ଆରମ୍ଭ ହୋଇଥିବା ପୂଜା କମିଟି ସଦସ୍ୟ ତଥା ପୂଜା କର୍ତ୍ତା ଶରତ ଚନ୍ଦ୍ର ଖଟୁଆ କହିଛନ୍ତି। ଏହି ପୂଜା ଏବେ ସାର୍ବଜନୀନ ପୂଜାରେ ପରିଣତ ହୋଇଛି। ପ୍ରଭୁଙ୍କର ଏକ ଭବ୍ୟ ମନ୍ଦିର ତୋଳା ସରିଛି, ଆସନ୍ତା ବର୍ଷ ତାହା ପ୍ରତିଷ୍ଠା କରାଯିବ ବୋଲି ପୂଜା କମିଟିର ସଭ୍ୟମାନେ କହିଛନ୍ତି। ପୂଜା ୭ ଦିନରେ ଶତାଧିକ ମାନସିକଧାରୀ ସୁନା, ରୁପା, କଂସା, ପିତ୍ତଳ ଆଦିରେ ତିଆରି ଅଳଙ୍କାର ଓ ପୂଜା ସାମଗ୍ରୀ, ଘିଅ, ଆର୍ଥିକ ସାହାଯ୍ୟ ଦେବା ସହ ପ୍ରଭୁଙ୍କୁ ଦର୍ଶନ କରିବାକୁ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଛୁଟି ଆସନ୍ତି। ଏହି ପୂଜା ସ୍ଥାନୀୟ ଅଞ୍ଚଳରେ ଭାଇଚାରା ସୃଷ୍ଟି କରିଥାଏ ବୋଲି ଗ୍ରାମବାସୀ କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ କହନ୍ତି।

## ରାମନବମୀ ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱ

ଆଗରପଡ଼ା,୨୪।୩(ସୁଶାନ୍ତ ଦାସ)

ରାମନବମୀ ଶୋଭାଯାତ୍ରା ଉପଲକ୍ଷେ ଆଗରପଡ଼ା ଥାନା ପରିସରରେ ସୋମବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲିସ ପ୍ରଶାସନ ଓ ଶୋଭାଯାତ୍ରାରେ ଭାଗ ନେବାକୁ ଥିବା ସମସ୍ତ କମିଟି, ରାଜନୈତିକ ନେତୃତ୍ୱ ଏବଂ ବୁଦ୍ଧିଜୀବୀମାନଙ୍କୁ ନେଇ ଏହି ବୈଠକ ହୋଇଥିଲା। ଆଗରପଡ଼ା ଥାନାଧିକାରୀ ରାଜେଶ କୁମାର ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ପ୍ରମୁଖ ଯୋଗଦେଇ ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ନିର୍ଦ୍ଦିଷ୍ଟ ଡେସିବେଲ୍‌ରେ ସାଉଣ୍ଡ ବଜାଇବା, ମଦ୍ୟପାନ ନ କରିବା, ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ ଆଦି ନ କରିବାକୁ ପରାମର୍ଶ ଦେଇଥିଲେ। ୭ଟି ମେଢ଼ ଶୋଭାଯାତ୍ରାରେ ସାମିଲ ହେବ ବୋଲି ସୂଚନା ଦିଆଯାଇଛି। ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ମହାନ୍ତିପଡ଼ା ସମିତିସଭ୍ୟ ନିର୍ମଳ ନାୟକ, ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି, ଯୁବନେତା ସତ୍ୟସାଧନ ବେଜ, ଦୀପକ ମହାନ୍ତି, ଅଶୋକ କୁମାର ପରିଡ଼ା, ରାଜୀବ ଲୋଚନ ରାୟଙ୍କ ସମେତ ୭ କମିଟିର ସଭ୍ୟ ଉପସ୍ଥିତ ଥିଲେ।

## ଓଡ଼ିଶା ଦିବସ ଉପଲକ୍ଷେ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା

ଭଦ୍ରକ,୨୪।୩(ସନାତନ ରାଉତ)

ଭଦ୍ରକ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ୬ଷ୍ଠରୁ ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଭାଷାରେ ଓଡ଼ିଶା ସମ୍ବନ୍ଧୀୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ସାଳନ୍ଦୀ ହସ୍ପିଟାଲ ଆନୁକୂଲ୍ୟରେ ଭଦ୍ରକ ଜିଲା ସଂସ୍କୃତି ଭବନରେ ଆୟୋଜିତ ପ୍ରତିଯୋଗିତାରେ ସଙ୍ଗୀତ ଗୁରୁ ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ବିଭୂତି ଭୂଷଣ ପଣ୍ଡା, କୃଷ୍ଣପ୍ରସାଦ ସାହୁ, ଆରତି ମହାନ୍ତି, ରମାକାନ୍ତ ଜେନା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। କନିଷ୍ଠ ବିଭାଗରେ ଇଛାପୁରସ୍ଥିତ ଡିଏଭି ମଦନ ମୋହନ ପବ୍ଲିକ ସ୍କୁଲର ରିୟାଂଶିକା ମହାନ୍ତି ପ୍ରଥମ, ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅନନ୍ୟା ସାହୁ ଏବଂ ମିଶନ ପବ୍ଲିକ ସ୍କୁଲର ସାଇପ୍ରଭା ମଲ୍ଲିକ ଯୁଗ୍ମ ଦ୍ୱିତୀୟ, ଉତ୍ତରବାହିନୀସ୍ଥିତ କେସି ହାଇସ୍କୁଲର ଛାତ୍ରୀ କ୍ରୀଷ୍ଣାରାଣୀ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବରିଷ୍ଠ ବର୍ଗରେ ବେତଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ସାଇ ବିସ୍ମୟ ପାଢ଼ୀ ପ୍ରଥମ, ପଚ୍ଛାଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୁଭଲକ୍ଷ୍ମୀ ଖଟୁଆ ଦ୍ୱିତୀୟ ଓ ଏସ୍‌ଏଜି ନୋଡାଲ ହାଇସ୍କୁଲର ପ୍ରଜ୍ଞା ପ୍ରଜୋଲିତା ସାହୁ ତୃତୀୟ ହୋଇଛନ୍ତି। ସାଳନ୍ଦୀ ହସ୍ପିଟାଲ ସତ୍ତ୍ୱାଧିକାରୀ ଡା. ପ୍ରଭାସ କୁମାର ମହାନ୍ତି କାର୍ଯକ୍ରମ ପରିଚାଳନା କରିଥିବା ବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।


ପ୍ରତିଯୋଗିତାରେ ବିଚାରକଙ୍କ ସହ କୃତୀ ପ୍ରତିଯୋଗୀମାନେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ଗୁରୁତର

ବନ୍ତ,୨୪।୩(କିଶୋର କୁମାର ସେଠୀ)

ଆଗରପଡ଼ା ଥାନା ଅଧୀନ ଆଡ଼ିଆ ଗ୍ରାମରେ ମଙ୍ଗଳବାର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ସେ ହେଲେ ବନ୍ତ ଥାନା ଅଧୀନ ପଧାନପଡ଼ା ପଞ୍ଚାୟତ ମାଳତୀରା ଗାଁର ଯଶୋବନ୍ତ ପଡ଼ିଆରୀ(୬୧)। ସୂଚନା ଅନୁଯାୟୀ, ଆଡ଼ିଆ ୮ନଂ. ୱାର୍ଡ ଦାସସାହିରେ ଜଣେ ବ୍ୟକ୍ତିଙ୍କ କୋଠାଘର ନିର୍ମାଣ କାର୍ଯ୍ୟରେ ଯଶୋବନ୍ତ ନିୟୋଜିତ ଥିବାବେଳେ ସେଠାରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି।

## ଧାମରାରେ ତଟ ସୁରକ୍ଷା ସାଗରାଭ୍ୟାସ

ଚାନ୍ଦବାଲି,୨୪।୩(ଅଶୋକ ପଣ୍ଡା)

୨୦୧୧ ନଭେମ୍ବର ୨୬ରେ ମୁମ୍ବାଇରେ ଘଟିଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବାର କୌଶଳକୁ ନେଇ ପ୍ରତିବର୍ଷ ତଟ ସୁରକ୍ଷା ସାଗରାଭ୍ୟାସ ‘ସାଗର କବଚ’ ଅନୁଷ୍ଠିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ପୋଲିସ ତତ୍ତ୍ୱାବଧାନରେ ଧାମରା ମେରାଇନ, ଧାମରା ଥାନା, କଷିଆ ମେରାଇନ ଏବଂ ଚୁଡ଼ାମଣି ମେରାଇନ ଥାନା ପକ୍ଷରୁ ମଙ୍ଗଳବାର ସକାଳ ୬ଟାରେ ଏହି ସାଗରାଭ୍ୟାସ ଆରମ୍ଭ ହୋଇଛି। ଧାମରା ମାଛଧରା ଜେଟି, ଧାମରା ବନ୍ଦର, କାଳିନାଳୀ ଜେଟି, କଷିଆ ମାଛଧରା ଜେଟି ଓ ଚୁଡ଼ାମଣି ଜେଟିଠାରେ ପୋଲିସ ପଇଁତରା ମାରିଥିଲା। ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ ରହୁଥିବା ବ୍ୟକ୍ତିମାନଙ୍କୁ ଧରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଜଣେ ଅତିରିକ୍ତ ଏସ୍‌ପି, ୨ଜଣ ଇନ୍ସପେକ୍ଟର, ୯ଜଣ ଏଏସ୍‌ଆଇ, ୪୦ଜଣ ଫୋର୍ସ, ୧୪ଜଣ ସାଗର ମିତ୍ର ଏଥିରେ ନିୟୋଜିତ ଥିବାବେଳେ ୧୧ଜଣ ଟେକ୍ନିକାଲ ଷ୍ଟାଫ୍ ସାମିଲ ଅଛନ୍ତି। ଏକ ୧୨ ଟନ୍ ବିଶିଷ୍ଟ ସ୍ପିଡ୍‌ବୋଟ୍ ଏଥିରେ ସାମିଲ ହୋଇଛି। ସାଗରାଭ୍ୟାସରେ ପୋଲିସ ୪ ଗୁପ୍ତଚରଙ୍କୁ ଧରିଥିଲା। ଗୁପ୍ତଚରମାନେ ମା’ କାମିନୀ-୪ ଏବଂ ମା’ କାମିନୀ-୫ ବୋଟ୍‌ରେ ସମୁଦ୍ର ପଥରେ ଆସୁଥିବା ବେଳେ ଠାବ କରାଯାଇଥିଲା। ସେମାନଙ୍କୁ ଧାମରା ସାମୁଦ୍ରିକ ଥାନାକୁ ନେଇ ସମସ୍ତ କାଗଜପତ୍ର ଯାଞ୍ଚ ପରେ ଛାଡ଼ି ଦିଆଯାଇଥିଲା। ଏହି ତଟ ସୁରକ୍ଷା ସାଗରଭ୍ୟାସ ୨ଦିନ ଧରି ଚାଲିବ।


ଧାମରା ମତ୍ସ୍ୟ ପୋତାଶ୍ରୟଠାରେ ସାଗରାଭ୍ୟାସ ଚାଲିଛି।

# ୧୦ବର୍ଷ ହେଲା ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ବନ୍ଦ

କେନ୍ଦୁଝର,୨୪।୩(ଦୀପକ ମିଶ୍ର):

କେନ୍ଦୁଝର ଜିଲା ତେଲକୋଇସ୍ଥିତ ସରକାରୀ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ୧୦ବର୍ଷ ହେଲା ବନ୍ଦ ରହିଛି। ଏହି କେନ୍ଦ୍ରକୁ ଯିବା ପାଇଁ ରାସ୍ତା ନ ଥିବାରୁ ବନ୍ଦ ହୋଇପଡ଼ିଛି। ବାଂଶପାଳ, ତେଲକୋଇ ବ୍ଲକର ଚାଷୀ ତେଲକୋଇସ୍ଥିତ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ଯାଆଁଳ ସଂଗ୍ରହ କରିଥାନ୍ତି। ଏଠାରୁ ମାଛ ଯାଆଁଳ ନେଉଥିବା ଚାଷୀମାନେ କେନ୍ଦୁଝରଠାରେ ଥିବା ଦିଗଧନ ଏବଂ ପାଟଣା ବ୍ଲକର ମୂଷାଖୋରୀ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ଯାଆଁଳ ନେଉଛନ୍ତି। ରାସ୍ତା ସମସ୍ୟା ଯୋଗୁ ତେଲକୋଇଠାରେ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ବନ୍ଦ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ଏହି ଅଞ୍ଚଳରେ ମାଛ ଚାଷର ପ୍ରସାର ପାଇଁ ୧୯୭୦ରେ ତେଲକୋଇରେ ୪ ଏକର ଜମିରେ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ଆରମ୍ଭ ହୋଇଥିଲା। ଏହି ସ୍ଥାନରେ ବିଭାଗର ୩ ଏକର ଜାଗା ଉପରେ ୫ଟି ପୋଖରୀ ହୋଇ ମତ୍ସ୍ୟ ଯାଆଁଳ ଉତ୍ପାଦନ ହେଉଥିଲା। ବାର୍ଷିକ ଏହି କେନ୍ଦ୍ରରୁ ରୋହି, ଭାକୁର, ମିରିକାଳି, ଚାଇନା ରୋହି ମାଛ ଯାଆଁଳ ଉତ୍ପାଦନ ହୋଇ ଚାଷୀଙ୍କୁ ଯୋଗାଇ ଦିଆଯାଉଥିଲା। ଏହି କେନ୍ଦ୍ରରୁ ମାଛ ନେଇ ଚାଷୀମାନେ ପୋଖରୀ, ପ୍ରାକୃତିକ ଜଳ ଉତ୍ସ, ନଦୀ, ଜଳଭଣ୍ଡାର, ନଦୀଗଣ୍ଡରେ ଛାଡ଼ି ବେଶ୍ ଲାଭବାନ ହେଉଥିଲେ। ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରକୁ ଯାଇଥିବା ରାସ୍ତା ୨ଜଣ ବ୍ୟକ୍ତିଙ୍କ ଜମି ଉପରେ ରହିଛି। ବିଲ ରାସ୍ତାରେ ଗାଡ଼ି ଚଳାଚଳ ପାଇଁ ସେମାନେ ବାରଣ କରିବାରୁ ଉକ୍ତ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ବନ୍ଦ ରହିଛି। ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ବାର୍ଷିକ ୩୦ ଲକ୍ଷ ମତ୍ସ୍ୟ ଯାଆଁଳ ଉତ୍ପାଦନ ହୋଇପାରିବ। ବାଂଶପାଳ ଏବଂ ତେଲକୋଇ ବ୍ଲକ ସମେତ ନିକଟସ୍ଥ ପାଲଲହଡା ବ୍ଲକର ଚାଷୀ ଉପକୃତ ହେବେ। ପଞ୍ଚାୟତ ପୋଖରୀରେ ମାଛ ଚାଷ କରୁଥିବା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ବାହାରୁ ମାଛ ଯାଆଁଳ ଆଣି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଲକୋଇ ବ୍ଲକରେ ମାଛ ଚାଷୀ, ମତ୍ସ୍ୟ ଉଦ୍ୟୋଗୀଙ୍କ ପାଇଁ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ତୁରନ୍ତ କାର୍ଯ୍ୟକ୍ଷମ କରାଯିବା ପାଇଁ ଦାବି ହୋଇଆସୁଛି। ଏନେଇ ଜିଲା ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ପ୍ରମୋଦ କୁମାର ରାଉତ କହିଛନ୍ତି, ରାସ୍ତା ସମସ୍ୟା ଥିବାରୁ ତେଲକୋଇସ୍ଥିତ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ବନ୍ଦ ରହିଛି। ୮୦ ମିଟର ଲମ୍ବା ଏବଂ ୩୦ ଫୁଟ ଚଉଡ଼ାର ରାସ୍ତା ହେଲେ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ପୂର୍ବପରି ଚାଲିପାରିବ। ରାସ୍ତା ଯୋଗାଇଦେବା ପାଇଁ ତେଲକୋଇ ତହସିଲଦାରଙ୍କୁ ଚିଠି କରାଯାଇଥିବା ସେ କହିଛନ୍ତି।

# ଯୋଡ଼ାରେ ବିଦେଶୀ ପକ୍ଷୀ

ଯୋଡା,୨୪।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ବିରଳ ଆଇବିସ ପକ୍ଷୀ ଦେଖିବାକୁ ମିଳିଛି। ଯୋଡ଼ା ଭଳି ଖଣି ଓ ଶିଳ୍ପ ଅଞ୍ଚଳରେ ଦେଖାଦେଇଥିବା ଏହି ବିଦେଶୀ ପକ୍ଷୀ ସମ୍ପର୍କରେ ବନପାଳ ତ୍ରିନାଥ ଜେନାଙ୍କୁ ପଚାରିବାରୁ, ଏହି ପକ୍ଷୀ ସାଧାରଣତଃ ଭାରତର କିଛି ଅଞ୍ଚଳ,ପାକିସ୍ଥାନ,ଶ୍ରୀଲଙ୍କା, ମାଳଦୀପରେ ଦେଖିବାକୁ ମିଳିଥାନ୍ତି ବୋଲି ସେ କହିଛନ୍ତି। ସାଧାରଣତଃ ଏମାନେ ଜଳାଶୟ ନିକଟସ୍ଥ ଏବଂ କମ୍ ଉତ୍ତାପ ଅନୁଭୂତ ଅଞ୍ଚଳରେ ରହିବାକୁ ପସନ୍ଦ କରନ୍ତି। ତେବେ ଯୋଡ଼ାର ଏକ ଟେଲିଫୋନ ଟାୱାର ଉପରେ ଏହି ଆଇବିସ ପକ୍ଷୀମାନଙ୍କର କଳରବ ପ୍ରାୟତଃ କିଛି ଦିନ ହେବ ଶୁଣିବାକୁ ମିଳୁଛି। ଦୁଇରୁ ତିନି ଯୋଡ଼ା ପକ୍ଷୀ


ଯୋଡ଼ାସ୍ଥିତ ଟେଲିଫୋନ ଟାୱାର ଉପରେ ବସିଥିବା ଆଇବିସ ପକ୍ଷୀ।

ଏହି ଟେଲିଫୋନ ଟାୱାର ଉପରେ ପ୍ରାତଃ କାଳରେ କଳରବ କରୁଛନ୍ତି। ପରେ କାନପୁର ଜଳାଶୟ ଆଡ଼କୁ ଉଡି ଯାଉଛନ୍ତି। ପୁଣି ସୂର୍ଯ୍ୟାସ୍ତ ସମୟରେ ଏହି ସୁଉଚ୍ଚ ଟାୱାରକୁ ଫେରି ଆସୁଥିବା ଦେଖିବାକୁ ମିଳୁଛି। ପ୍ରାୟତଃ ଏମାନଙ୍କ ଥଣ୍ଟ କଳା ଓ ନାଲି ରଙ୍ଗର ହୋଇଥାଏ। କିନ୍ତୁ ଯୋଡ଼ାରେ ଥିବା ଏହି ପ୍ରଜାତି ପକ୍ଷୀଙ୍କ ଥଣ୍ଟ କଳା ରଙ୍ଗ ସହିତ ବଡ଼ ଥଣ୍ଟ ଥିବା ଦେଖିବାକୁ ମିଳିଛି। ଏହି ପକ୍ଷୀ ବହୁ ଦୂର ପଥ ଅତିକ୍ରମ କରି ଚିଲିକା ଏବଂ ଅନ୍ୟାନ୍ୟ ଜଳାଶୟଗୁଡ଼ିକୁ ଶୀତ ଦିନରେ ଆସିଥାନ୍ତି। ଯୋଡ଼ା ଅଞ୍ଚଳରେ ତାପମାତ୍ରା କମ୍ ଥିବାରୁ ଏଠାରେ ସେମାନେ ବସବାସ କରିବାକୁ ପସନ୍ଦ କରୁଛନ୍ତି। ବନପାଳ ଜେନା କହିଛନ୍ତି ଯେ,ଏମାନେ ସାଧାରଣତଃ ଯୋଡ଼ି ହୋଇ ରହିବାକୁ ପସନ୍ଦ କରନ୍ତି। ଏହି ପକ୍ଷୀମାନଙ୍କର ସୁରକ୍ଷା ଦିଗରେ ବନ ବିଭାଗ ତତ୍ପରତା ଦେଖାଇଛି।

# ବାସନ୍ତିକ ଦୁର୍ଗାପୂଜା: ସେଣ୍ଡକାପ ଅଞ୍ଚଳ ଉତ୍ସବମୁଖର

କେନ୍ଦୁଝର, ୨୪।୩ (ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ ସେଣ୍ଡକାପ ଅଞ୍ଚଳ ବାସନ୍ତିକ ଦୁର୍ଗାପୂଜା ପାଇଁ ଉତ୍ସବମୁଖର ହୋଇଛି। ସ୍ଥାୟୀ ଭାବେ ପୂଜା ହେଉଥିବା ଶିବ ଦୁର୍ଗା ମନ୍ଦିରରେ ଶୁକ୍ରବାର ଚୈତ୍ର ଅମାବାସ୍ୟା ତିଥିରୁ ବାସନ୍ତିକ ଦୁର୍ଗା ନବରାତ୍ର ପୂଜା ଆରମ୍ଭ ଓ ଘଟ ସ୍ଥାପନ ହୋଇଥିବା ବେଳେ ମଙ୍ଗଳବାର ଶ୍ରଦ୍ଧାଳୁମାନେ କଳସ ଯାତ୍ରାରେ ବାହାରି ନିକଟସ୍ଥ ଅରଡ଼େଇ ନଦୀରୁ ଜଳ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜକ ଭକ୍ତ ରଞ୍ଜନ ଦାଶ, ସୌମ୍ୟରଞ୍ଜନ ଦାସ, ସୋମନାଥ ମିଶ୍ର ଓ ବାବୁ ପତିଙ୍କ ଦ୍ୱାରା ପ୍ରତ୍ୟେହ ଚଣ୍ଡୀପାଠ, ହୋମଯଜ୍ଞ ଆଦି ଯଥାରୀତି ଅନୁଷ୍ଠିତ ହେଉଛି। ବୁଧବାର ସପ୍ତମୀ, ଗୁରୁବାର ଅଷ୍ଟମୀ, ଶୁକ୍ରବାର ନବମୀ ଓ ଶନିବାର ଦଶହରା ପୂଜା ଅନୁଷ୍ଠିତ ହେବ। ମନ୍ଦିର ପରିବେଶ ଆଲୋକମାଳାରେ ଝଲସୁ ଥିବାବେଳେ ପ୍ରତିଦିନ ଭକ୍ତଙ୍କ ନିମନ୍ତେ କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବସନ୍ତ ନାଏକ, ବାସନ୍ତୀ ନାଏକ, ସାଇବ ନାଏକ, ସୁଲୋଚନା ନାଏକ, ଚଞ୍ଚଳା ନାଏକ ଓ ମନ୍ଦିର କମିଟି ସଦସ୍ୟ ସହଯୋଗ କରୁଛନ୍ତି।


ପୂଜା ପାଇଁ ଶୋଭାଯାତ୍ରାରେ କଳସ ନିଆଯାଉଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଯୋଡ଼ା,୨୪।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ବ୍ଲକରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ବିଡିଓ ଡେନିସ ବେହେରା, ସାଂସଦ ପ୍ରତିନିଧି ଅଗୁନୁ ମହାନ୍ତ, ଚମ୍ପୁଆ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ। ଯୋଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଓ ପୌର ପାଳିକାର ବିଭିନ୍ନ ୱାର୍ଡରୁ ସମୁଦାୟ ୧୪୫ ଜଣ ଭିନ୍ନକ୍ଷମ ଏଥିରେ ପଞ୍ଜୀକରଣ କରାଇଥିଲେ। ଶାରୀରିକ ଅକ୍ଷମତା ଭାବେ ୬୨ ଜଣ, ସେରିବ୍ରାଲପଲିସି ଭାବେ ୧୪ ଜଣ, ମାନସିକ ରୋଗୀ ୧୫ ଜଣ, ଶ୍ରବଣ ରୋଗୀ ୪୦ ଜଣ ଓ ଅନ୍ୟାନ୍ୟ ବହୁମୁଖି ରୋଗୀ ଭାବେ ୧୪ ଜଣ ପଞ୍ଜୀକୃତ କରିଥିଲେ। କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରୁ ଉକ୍ତ ବିଭାଗର ୫ ଜଣ ଡାକ୍ତର ଆସି ଭିନ୍ନକ୍ଷମଙ୍କ ଶାରୀରିକ ପରୀକ୍ଷା କରିବା ସହିତ ୪୭ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥି ସହିତ ଅତିଥିଙ୍କ ଦ୍ୱାରା ୩ଟି ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା ବ୍ଲକ ର ଜୁନିଅର ଆସିଷ୍ଟାଣ୍ଟ ସଚିନ ମହାନ୍ତ, ସେକ୍ସନ ଅଫିସର ହର କୁମାର ନାୟକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘର ବୈଠକ


ବୈଠକରେ ଉପସ୍ଥିତ ସଂଘର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ।

ପାଟଣା,୨୪।୩(ବୀର କିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସଭାପତି ହରିହର ମହାନ୍ତଙ୍କ ଅଧ୍ୟକ୍ଷତାରେ ପାଟଣା ମୁଖ୍ୟାଳୟରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବସପ୍ରାପ୍ତ କର୍ମଚାରୀମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସଂଘର ସମ୍ପାଦକ ଶିକ୍ଷାବିତ ପ୍ରସନ୍ନ କୁମାର ପରିଡ଼ା ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

ସୂଚନା ଅନୁଯାୟୀ, ୨୦୨୫ ମାର୍ଚ୍ଚ ୨୫ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ସିଭିଲ ସର୍ଭିସ ପେନସନ ଆକ୍ଟ ଦେଶର ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ପେନସନ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବାରୁ ସଭାରେ ଉପସ୍ଥିତ ଥିବା ସମସ୍ତ ଅବସରପ୍ରାପ୍ତ ଶିକ୍ଷକମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାଦ୍ୱାରା ଅଷ୍ଟମ ବେତନ କମିଶନ ପେନସନ ଅଭିବୃଦ୍ଧିର ସୁଯୋଗରୁ ୩୧।୧୨।୨୦୨୫ ପୂର୍ବରୁ ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀ ବଞ୍ଚିତ ହେବେ। ଏହା ପେନସନ ଭୋଗୀଙ୍କ ଜୀବନ ଶୈଳୀକୁ ପ୍ରଭାବିତ କରିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ପେନସନ ସମାଜିକ ସୁରକ୍ଷାର ଏକ ମାଧ୍ୟମ, ଏହାକୁ ସୁରକ୍ଷିତ ରଖିବା ପାଇଁ ସଂଘଟିତ ଆନ୍ଦୋଳନ ଏକାନ୍ତ ଆବଶ୍ୟକ ବୋଲି ସଂଘର ସଦସ୍ୟ ଓ କାର୍ଯ୍ୟକର୍ତ୍ତାମାନେ ମତପୋଷଣ କରିଥିଲେ। ଏହି ଆକ୍ଟ ପ୍ରତ୍ୟାହାର ନିମନ୍ତେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସମସ୍ୟାର ସମାଧାନ ନ ହେଲେ ପରବର୍ତ୍ତୀ ସମୟରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ଶାନ୍ତନୁ କୁମାର ସାହୁ, ପ୍ରତାପ ଚନ୍ଦ୍ର ମହାନ୍ତ, ହୃଷୀକେଶ ମହାନ୍ତ, ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ମିଶ୍ର, ବିଦ୍ୟାଧର ମହାନ୍ତ, ବସନ୍ତ କୁମାର ଘଣା, ତରଣୀସେନ ମହାନ୍ତ, ଯତିନ୍ଦ୍ର କୁମାର ପଲେଇଙ୍କ ସମେତ ସମସ୍ତ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀମାନେ ସାମିଲ ହୋଇଥିଲ।

## ରାମ ନବମୀ ପାଇଁ ଶାନ୍ତି କମିଟି ବୈଠକ

ଯୋଡ଼ା,୨୪।୩ (ମାନସ ମହାନ୍ତି)

ଆସନ୍ତା ରାମନବମୀ କିପରି ଶାନ୍ତି ଶୃଙ୍ଖଳା ସହ ପାଳନ କରାଯିବ ସେ ନେଇ ଏକ ଶାନ୍ତି କମିଟି ବୈଠକ ମଙ୍ଗଳବାର ଅପରାହ୍ନରେ ଯୋଡ଼ା ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚମ୍ପୁଆ ଉପ ଜିଲାପାଳଙ୍କ ସମେତ ବଡବିଲ ତହସିଲଦାର ରାକେଶ କୁମାର ପଣ୍ଡା, ଯୋଡ଼ା ବିଡିଓ ଡେନିସ ବେହେରା, ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଯୋଡ଼ା ପୌର ଅଧ୍ୟକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ, ଯୋଡ଼ା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାମଲଙ୍କ ସହ ପୋଲିସ, ପ୍ରଶାସନର ବରିଷ୍ଠ ଅଧିକାରୀ ,ଯୋଡା ଜନସାଧାରଣ ଉପସ୍ଥିତ ଥିଲେ। ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ସହ ଶୋଭାଯାତ୍ରା ସମୟରେ ସ୍ୱତନ୍ତ୍ର ପୋଲିସ ଟିମ ମୁତୟନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# ନିର୍ମାଣର ୮ ଦିନ ପରେ ଦବିଲା ପୋଲ

କେନ୍ଦୁଝର,୨୪।୩(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ ବଦାପଳସା ପଞ୍ଚାୟତ ଶଙ୍କରପୁର ଗ୍ରାମର ପ୍ରଭାତ ମହାନ୍ତିଙ୍କ ଘର ନିକଟରେ ୮ ଦିନ ହେଲା ନିର୍ମାଣ ହୋଇଥିବା ହ୍ୟୁମ୍‌ପାଇପ୍ ପୋଲ ସୋମବାର ଦବିଯିବା ସହ କଂକ୍ରିଟ ଫାଟିଯାଇଛି। ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ଅଳ୍ପଦିନରେ ତାହା ଭାଙ୍ଗିଯିବାର ସ୍ଥିତିରେ ରହିଛି। ଏହି ପୋଲ ରାସ୍ତା ଦେଇ ଶଙ୍କରପୁର ଏବଂ ସଦରପଡା ଅଞ୍ଚଳର ବହୁ ଜନସାଧାରଣ ଯାତାୟାତ କରୁଛନ୍ତି। ଅଧିକାରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଏଭଳି ଅନିୟମିତତା ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିର୍ମାଣ କାର୍ଯ୍ୟର ଅଟକଳ ମଧ୍ୟ ସୂଚନା ଫଳକରେ ଦର୍ଶାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଜେଇ ମନୋଜ କୁମାର ସାହୁଙ୍କୁ ପଚାରିବାରୁ ସେ ଏହି ସମସ୍ୟା ବିଷୟରେ ଅବଗତ ଅଛନ୍ତି, ବିଲ୍ ପାସ୍ କରାଯାଇ ନ ଥିବା କହିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



# ଘୂର୍ଣ୍ଣିଝଡ଼ରେ ଗୁରୁତର ଛାତ୍ରୀଙ୍କ ମୃତ୍ୟୁ

ପାଟଣା,୨୪।୩(ବୀର କିଶୋର ଦାଶ):

ମୟୂରଭଞ୍ଜ ଜିଲା କରଞ୍ଜିଆ ଅଞ୍ଚଳରେ ଗତ ୧୫ତାରିଖରେ ସଂଘଟିତ ଘୂର୍ଣ୍ଣିଝଡ଼ରେ ଗୁରୁତର ହୋଇଥିବା ଜଣେ କଲେଜ ଛାତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମଙ୍ଗଳବାର ଭୋର ୪ଟାରେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ଜଣକ ହେଲେ ସାହାରପଡ଼ା ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ଗୁଣ୍ଡୁରିପଶି ଗ୍ରାମର ଅନନ୍ତ ମହାରଣାଙ୍କ ଝିଅ ମୋନାଲିସା(୧୬)।

ସୂଚନାଯୋଗ୍ୟ, ମୋନାଲିସା କରଞ୍ଜିଆରେ ରହି କରଞ୍ଜିଆ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ କଳାରେ ଅଧ୍ୟୟନ କରୁଥିଲେ। ୧୫ ତାରିଖରେ ସାଙ୍ଗମାନଙ୍କ ସହ ମିଶି ରାମତୀର୍ଥକୁ ବୁଲିବାକୁ ଯାଇ ଅପରାହ୍ନରେ ଅଟୋ ଯୋଗେ ଫେରୁଥିଲେ। କଙ୍କଡ଼ା ଛକ ନିକଟରେ ଘୂର୍ଣ୍ଣିଝଡ଼ ପ୍ରଭାବରେ ପ୍ରବଳ ପବନରେ ଅଟୋ ଠେଲିହୋଇ ପୋଖରୀ ଭିତରେ ପଡ଼ିଥିଲା। ଏଥିରେ ମୋନାଲିସା ଗୁରୁତର ହୋଇଥିଲେ। ତାଙ୍କୁ କରଞ୍ଜିଆ, କେନ୍ଦୁଝର ଓ କଟକ ବଡ଼ ଡାକ୍ତରଖାନା ପରେ ଭୁବନେଶ୍ୱରର ଏକ ଘୋରଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଭୋରରୁ ତାଙ୍କର ମୃତ୍ୟୁ ଘଟିଛି। ସରକାର କ୍ଷତିପୂରଣ ଯୋଗାଇ ଦେବାକୁ ପରିବାର ଲୋକେ ଦାବି କରିଚନ୍ତି।


ମୋନାଲିସା ମହାରଣା।

## ବୃଦ୍ଧାଙ୍କ ମୃତଦେହ ଜବତ

ଚମ୍ପୁଆ,୨୪।୩(ମହେଶ୍ୱର ଦାସ)

ଚମ୍ପୁଆ ସଦର ମହକୁମାସ୍ଥିତ ଷ୍ଟେଟବ୍ୟାଙ୍କ ନିକଟରୁ ପୋଲିସ ଜଣେ ୬୦ ବର୍ଷର ବୃଦ୍ଧାଙ୍କ ମୃତଦେହ ଜବତ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୬) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ମୃତା ବୃଦ୍ଧାଙ୍କ ପରିଚୟ ମିଳି ପାରିନାହିଁ। ସୂଚନା ଅନୁଯାୟୀ, ସୋମବାର ରାତିରେ ବ୍ୟାଙ୍କ ନିକଟରୁ ଉକ୍ତ ବୃଦ୍ଧାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର ପରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି।

# ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, କୁଇଜ୍ ପ୍ରତିଯୋଗିତା



କେନ୍ଦୁଝର,୨୪।୩(ନରେଶ ଚନ୍ଦ୍ର ପଟ୍ଟନାୟକ):

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏନ୍‌ଏସ୍ ପୋଲିସ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଏବଂ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଯୋଗଦେଇ ବିଜ୍ଞାନକୁ ଆମର ବିକାଶ କ୍ଷେତ୍ରରେ କିପରି ବିନିଯୋଗ କରାଯାଇପାରିବ, ସେଥିପାଇଁ ଉଦ୍ୟମ କରାଯିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଜିଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ଏବଂ ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ଯୋଗଦେଇ ସାମ୍ପ୍ରତିକ ଯୁଗରେ ବିଜ୍ଞାନର ଆବଶ୍ୟକତା ଓ ଏହାର ସୁବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, ଘଟଗାଁ ବ୍ଲକ ଶିକ୍ଷାଧିକାରୀ ହରେକୃଷ୍ଣ ନାୟକ, ପାଟଣା ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଯୋଡ଼ା ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା, ହରିଚନ୍ଦନପୁର ବ୍ଲକ ଶିକ୍ଷାଧିକାରୀ ଚିନ୍ମୟ କୁମାର ରାଉତ, ଜିଲା ବିଜ୍ଞାନ ପରିଦର୍ଶକ ମହାନ୍ତ, ଏନ୍‌ଏସ୍ ପୋଲିସ ହାଇସ୍କୁଲର ପ୍ରଧାନଶିକ୍ଷକ ବେଳା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପିଏମ୍‌ଶ୍ରୀ ଝାଡେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ଘଡ଼େଇ ମଞ୍ଚ ସଞ୍ଚାଳନ କରିଥିଲେ। ୭୮ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ପି.ଏନ୍. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. କୁଳମଣି ପ୍ରଧାନ, ହରିଚନ୍ଦନପୁର ବ୍ରଜବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ଟିକେଶ୍ୱର ବାରିକ, ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସନତ କୁମାର ଦାସ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରସନ୍ନ କୁମାର ପ୍ରଧାନ ବିଜ୍ଞାନ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ବିଜ୍ଞାନ ପ୍ରକଳ୍ପ ଓ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜନଗଣନା ପ୍ରଶିକ୍ଷଣ ଶିବିର

ପାଟଣା,୨୪।୩(ବୀର କିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା ବ୍ଲକ ସଭାଗୃହ ଓ ମିଶନ ଶକ୍ତି ସଭାଗୃହରେ ମଙ୍ଗଳବାର ଜନଗଣନା-୨୦୨୭ ପାଇଁ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକମାନଙ୍କ ନିମନ୍ତେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି।ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ବିଡିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଆଶ୍ୱିନୀ କୁମାର ନାଏକଙ୍କ ଉପସ୍ଥିତିରେ କ୍ଷେତ୍ର ପ୍ରଶିକ୍ଷକ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଅଧାପକ ପରମେଶ୍ୱର ଧାରୁଆ, ଇତିହାସ ଅଧ୍ୟାପକ ତଥା ପ୍ରଶିକ୍ଷକ ତବୀୟସ ଟେଟେ ପ୍ରମୁଖ ବ୍ଲକ ସଭାଗୃହରେ ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ତାଲିମ ପ୍ରଦାନ ଦେଇଥିଲେ। ସେହିଭଳି ମିଶନ ଶକ୍ତି ସଭାଗୃହରେ ଅତିରିକ୍ତ ତହସିଲଦାର ରବି ଶଙ୍କର ହେମ୍ବ୍ରମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଭାବେ ପ୍ରିୟଦର୍ଶନ ସାହୁ ଓ ସତ୍ୟାନନ୍ଦ ପାଣିଗ୍ରାହୀ ଜନଗଣନାକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏପ୍ରିଲ ୭ରେ ଏହି ପ୍ରଶିକ୍ଷଣ ଶେଷ ହେବ ବୋଲି ଜନଗଣନା ଅଧିକାରୀ ପାଟଣା ତହସିଲଦାର ନାଏକ କହିଛନ୍ତି।

# ଶ୍ରୀଗୁରୁକୁଳ ଶିକ୍ଷ୍ୟାର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ଢେଙ୍କିକୋଟ,୨୪।୩(ନୀଳମଣି ମଣ୍ଡଳ)

ଘଟଗାଁ ବ୍ଲକ୍ ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀଗୁରୁକୁଳ କୁଢ଼ଟାଙ୍ଗର ଗଦାଧରପୁରର ଢେଙ୍କିକୋଟସ୍ଥିତ ଶିକ୍ଷ୍ୟା କେନ୍ଦ୍ରର ୧୨ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅପରାହ୍ନ ୪ଟାରେ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଶ୍ରୀ ଫାଉଣ୍ଡେସନର ଅଧ୍ୟକ୍ଷ ଦିଲ୍ଲୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଘଟଗାଁ ରେଞ୍ଜ ଢେଙ୍କିକୋଟ ଫରେଷ୍ଟ ବିଟ୍ ହାଉସ୍‌ର ଫରେଷ୍ଟର ଅକ୍ଷୟ କୁମାର ମହାନ୍ତି, ମୁଖ୍ୟ ବକ୍ତା ଭାବେ ପାଟଣା ବ୍ଲକର ବରିଷ୍ଠ ଖବରଦାତା ନୃସିଂହନାଥ ସିଂହ, ସମ୍ମାନିତ ଅତିଥି ଭାବେ ସତ୍ୟନାରାୟଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ, ଶ୍ରୀଗୁରୁକୁଳ ଶିକ୍ଷ୍ୟାର ନିର୍ଦ୍ଦେଶକ ଦେବୀପ୍ରସାଦ ବାରିକ, ଢେଙ୍କିକୋଟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଡାକ୍ତର ପୂର୍ଣ୍ଣଚନ୍ଦ୍ର ବଳ, ସେବା ଫାଉଣ୍ଡେସନର ଅଧ୍ୟକ୍ଷ ଡ.ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀଗୁରୁକୁଳର ଶିକ୍ଷକ ଧବଳେଶ୍ୱର ବେହେରା ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷ୍ୟା ଅନୁଷ୍ଠାନର ଅଧ୍ୟକ୍ଷା ନିରୁପମା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲେ। ଶ୍ରୀଗୁରୁକୁଳ ଶିକ୍ଷ୍ୟା ପରିବାରର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚଳାନାରେ ସହଯୋଗ କରିଥିଲେ।

